# NEWS AND EVENTS

## ଡିଏସ୍ କଲେଜରେ ନିଶାମୁକ୍ତି ପାଇଁ ଶପଥ ପାଠ

ଲଇଡ଼ା,୧୨।୮(ଆପ୍ର): ଆଜି ଲଇଡ଼ା ଦୁତିକା ସାହୁ କଲେଜରେ ଅଧକ୍ଷ ଡକ୍ଟର ବସନ୍ତ ନାଏକଙ୍କ ଅଧକ୍ଷତାରେ ନିଶା ମୁକ୍ତି ପାଇଁ ଶପଥ ପାଠ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ କୈଳାସ ବେହେରା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ ପଟେ୍ଲ ନିଶା ବ୍ୟବହାରର କୁପରିମାଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିବା ସହ ନିଶା ନିବାରଣ ବାର୍ତ୍ତା ସମସ୍ତଙ୍କ ପାଖକୁ ପହଞ୍ଚାଇବାକୁ କହିଥିଲେ। ଏହି ଅବସରରେ ବରିଷ୍ଠ ଅଧ୍ୟାପକ ଜୟନାରାୟଣ ସତପଥି, ଶ୍ରୀକାନ୍ତ ପଟେ୍ଲ, ଅଲେଖ ଦ୍ବିବେଦୀ, ଜିତେନ୍ଦ୍ର ପ୍ରସାଦ ସିଂହ, କରୁଣାକର ନାଏକ, ବିଶ୍ୱନାଥ ପଟେ୍ଲ, ଅଧ୍ୟାପିକା ମଧୁମିତା ମିଶ୍ର, ଅଧ୍ୟାପିକା ନିରୋଜ ନଳିନୀ ପ୍ରଧାନ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ, ଯୁକ୍ତଦୁଇ ଯୁକ୍ତତିନିର ଛାତ୍ରଛାତ୍ରୀ ଶପଥ ନେଇଥିଲେ।

---

## ଲଇଡ଼ା କଲେଜ ଏନଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ପ୍ରବେଶ ଉତ୍ସବ

ଲଇଡ଼ା,୧୭।୮(ଆପ୍ର): ସ୍ଥାନୀୟ ଡିଏସ୍ କଲେଜରେ ଶୁକ୍ରବାର ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଯୁକ୍ତ ଦୁଇ ଏନ୍ଏସ୍ଏସ ସ୍ୱେଚ୍ଛାସେବୀଙ୍କ ପ୍ରବେଶ ଉତ୍ସବ ଅଧକ୍ଷ ଡ ବସନ୍ତ ନାଏକଙ୍କ ସଭାପତିତ୍ୱରେ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏନ୍ଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେ୍ଲ ଯୋଗଦେଇ ଏହାର ଗରୁତ୍ୱ ଓ ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ ବୁଝାଇଥିଲେ। ଯୁକ୍ତ ଦୁଇ ଏନ୍ଏସ୍ଏସ୍ର ପ୍ରୋଗ୍ରାମ ଅଫିସର ଅଧ୍ୟାପକ କୈଳାଶ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇ ସଭା ପରିଚାଳନା କରିଥିଲେ। ଯୁକ୍ତ ତିନି ଡିଗ୍ରୀ ୟୁନିଟର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବିଶ୍ୱନାଥ ପଟେ୍ଲ ଧନ୍ୟବାଦ ଦେଇଥିଲେ। ଶେଷରେ ପରିସରରେ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏନ୍ଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେ୍ଲ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଜୟନାରାୟଣ ଶତପଥି, ପ୍ରଫୁଲ୍ଲ ଭୋଇ, ଶ୍ରୀକାନ୍ତ ପଟେ୍ଲ, ପ୍ରଶାନ୍ତ ପଟେ୍ଲ, କରୁଣା କର ନାଏକ, ଅଧ୍ୟାପିକା ମଧୁମିତା ମିଶ୍ର, ଡ ନିରାଜ ନଳିନୀ ପ୍ରଧାନ, ଛାତ୍ରଛାତ୍ରୀ କର୍ମଚାରୀ ଉପସ୍ଥିତ ଥିଲେ।

# ଡିଏସ୍ କଲେଜରେ ମେଗା ବୃକ୍ଷରୋପଣ



ଲଇଡ଼ା,୨୪।୮(ଆପ୍ର): ରେଙ୍ଗାଲି ବ୍ଲକ ଲଇଡ଼ା ସ୍ଥିତ ଦୂତିକା ସାହୁ କଲେଜରେ ସାତଦିନିଆ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଉଦ୍‌ଘାଟନ କରିଥିଲେ। ସାତ ଦିନ ଧରି ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ବୃକ୍ଷରୋପଣ, ରାଲି, ସଚେତନତା ସଭା ଆଦି କରି ପ୍ରକୃତିର ସୁରକ୍ଷା ବିଷୟରେ ସଚେତନ କରିଥିଲେ। ଆଜି ଉଦ୍‌ଯାପନୀ ଦିନ କଲେଜ ଅଧକ୍ଷ ଡ ବସନ୍ତ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ମହତ୍ୱ ବୁଝାଇଥିଲେ। ଯୁକ୍ତ ତିନିର ଏନ୍‌ଏସ୍‌ଏସ୍ ପିଓ ଅଧ୍ୟାପକ ବିଶ୍ୱନାଥ ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଏନ୍‌ଏସ୍‌ଏସ୍ ପିଓ ଅଧ୍ୟାପକ କୈଳାଶ ବେହେରା ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ଆଶିଷ ନାଏକ, ଜ୍ୟୋତିରାଦିତ୍ୟ ସାହୁ, ସଚି ମହାନନ୍ଦ, ନିରନ୍ କଲେତ, ଡଲି ବାମଡ଼ିଆ, ଯମୁନା ମରେଇ, ମେଘା ବାମଡ଼ିଆ, ପାୟଲ ପୁଷ୍ଟି, ଦୁର୍ଯ୍ୟୋଧନ ରୋହିଦାସ, ରଞ୍ଜନ ମୁଣ୍ଡା, ସୁଧାଂଶୁ ଜେନା, ଯଶସ୍ୱିନୀ ମହାପାତ୍ର, ଡୋଳାନେତ୍ରୀ ସୁନାନୀ ପ୍ରମୁଖ ୬୦ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଅଧ୍ୟାପକ ଜିତେନ୍ଦ୍ର ପ୍ରସାଦ ସିଂହ, କରୁଣାକର ନାଏକ, ଅଲେଖ ଦ୍ୱିବେଦୀ, ଶ୍ରୀକାନ୍ତ ପଟେଲ, ଜୟନାରାୟଣ ସତପଥି, ପ୍ରଶାନ୍ତ ପଟେଲ, ଅଶୋକ ପ୍ରଧାନ, ଆଶିଷ ପାଣିଗ୍ରାହୀ, ଅଧ୍ୟାପିକା ମଧୁମିତା ମିଶ୍ର, ନିରାଜ ନଳିନୀ ପ୍ରଧାନ, ରିମା ପ୍ରଧାନ, ପ୍ରିୟାଞ୍ଜଳି ମାଝି, ଶୁଭ୍ରା ସ୍ୱାଗତିକା ପଣ୍ଡା, ଡ ନିବେଦିତା ନାଥ, ନମ୍ରତା ପ୍ରଧାନ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ସହଯୋଗ କରିଥିଲେ।

# ଦୂତିକା ସାହୁ କଲେଜରେ ନିଶା ମୁକ୍ତ କାର୍ଯ୍ୟକ୍ରମ

ଲଇଡ଼ା,୧୨।୮(ଇମିସ): ଲଇଡ଼ା ସ୍ଥିତ ଦୂତିକା ସାହୁ କଲେଜରେ ନିଶା ମୁକ୍ତ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼କ୍ଟର ବସନ୍ତ ନାଏକ ଅଧକ୍ଷତା କରିଥିଲେ। ଅଧ୍ୟାପକ କୈଳାସ ବେହେରା ଶପଥ ପାଠ କରାଇଥିଲେ। ବରିଷ୍ଠ ଅଧ୍ୟାପକ ତଥା ଓଡ଼ିଆ ବିଭାଗର ମୁଖ୍ୟ ପ୍ରଶାନ୍ତ ପଟେଲ ନିଶା ବ୍ୟବହାର କୁପରିଣତି ଓ କୁପ୍ରଭାବ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ଶ୍ରୀକାନ୍ତ ପଟେଲ, ଅଲେଖ ଦିବେଦୀ, ଜିତେନ୍ଦ୍ର ପ୍ରସାଦ ସିଂହ, କରୁଣା କର ନାଏକ, ବିଶ୍ୱ ନାଥ ପଟେଲ, ଅଧ୍ୟାପିକା ମଧୁମିତା ମିଶ୍ର, ଅଧ୍ୟାପିକା ନିରୋଜ ନଳିନୀ ପ୍ରଧାନଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶପଥ ଗ୍ରହଣ କରିଥିଲେ।

# ଡିଏସ୍ କଲେଜରେ ଫାଇଲେରିଆ ଔଷଧ ବଣ୍ଟନ

ଲଇଡ଼ା,୧୭।୮(ଆପ୍ର): ସ୍ଥାନୀୟ ଦୁତିକା ସାହୁ କଲେଜରେ ଏନ୍‌ଏସ୍‌ଏସ୍ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ଏବଂ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ ବସନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଯଦୁମଣି ଗଣିକ ଯୋଗଦେଇ ଫାଇଲେରିଆ ରୋଗର କାରଣ, ଲକ୍ଷ୍ୟଣ ଓ ନିରାକରଣ ସମ୍ବନ୍ଧରେ ସଚେତନ କରିଥିଲେ। ଏହି ଅବସରରେ କର୍ମଚାରୀ ଓ ଛାତ୍ରଛାତ୍ରୀ ସାମୂହିକ ଔଷଧ ସେବନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ କୈଳାଶ ବେହେରା ସଂଯୋଜନା ଓ ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ଡିଏସ୍ କଲେଜରେ ବିଶ୍ୱ ଆଦିବାସୀ ଦିବସ



ଲଇଡ଼ା,୯।୮(ଆପ୍ର): ସ୍ଥାନୀୟ ଦୁତିକା ସାହୁ କଲେଜରେ ଅଧ୍ୟାପିକା ଡକ୍ଟର ନିରୋଜ ନଳିନୀ ପ୍ରଧାନଙ୍କ ସଭାପତିତ୍ୱରେ ବିଶ୍ୱ ଆଦିବାସୀ, ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଛି। ଏହି ଅବସରରେ ପାଇକ ବିଦ୍ରୋହର ଅନ୍ୟତମ ର୍ବପ୍ଳବୀ ର୍ପଣ୍ଡର୍କ ବାହୁବଳେନ୍ଦ୍ର ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସମେତ ବହୁ ମହାପୁରୁଷଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଅଧ୍ୟାପକ ପ୍ରଫୁଲ୍ଲ ଭୋଇ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ ପଟେଲ, ଅଧ୍ୟାପକ ମାରକୁଶ ଡୁଙ୍ଗଡୁଙ୍ଗ, ଅଧ୍ୟାପକ ଜୟନାରାୟଣ ସତପଥି ଯୋଗ ଦେଇଥିଲେ। ଅଧ୍ୟାପକ କୈଳାସ ବେହେରା ସଭା ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱନାଥ ପଟେଲ ଧନ୍ୟବାଦ ଦେଇଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଲଇଡ଼ା କଲେଜରେ ସମ୍ବଲପୁରୀ ଦିନ୍ ଓ ପ୍ରବେଶ ଉତ୍ସବ

ରେଙ୍ଗାଲି, ୧୮ (ନି.ପ୍ର): ଲଇଡ଼ା ଦୁତିକା ସାହୁ ମହାବିଦ୍ୟାଳୟରେ ଆଜି ସମ୍ବଲପୁରୀ ଦିନ୍ ଏବଂ ଯୁକ୍ତ ୨ ନୂତନ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅଧ୍ୟକ୍ଷ ଡଃ ବସନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କଲେଜ ପରିସରରେ ଥିବା ବରପୁତ୍ର ଏବଂ



କଲେଜ ପ୍ରତିଷ୍ଠାତ୍ରୀ ଦୁତିକା ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ମା' ସମଲେଶ୍ୱରୀ ଏବଂ ସମ୍ବଲପୁରୀ ଭାଷା ସାହିତ୍ୟର ପେହଚାନ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଶାନ୍ତ ପଟେଲ ସଭା ପରିଚାଳନା କରିଥିଲେ। ସମ୍ବଲପୁରୀ ଦିନ୍ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ପ୍ରଫୁଲ୍ଲ ଭୋଇ ଏବଂ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜୟନାରାୟଣ ଶତପଥୀ ଯୋଗ ଦେଇଥିଲେ। ଅଧ୍ୟାପକ ଶ୍ରୀକାନ୍ତ ପଟେଲ, କରୁଣାକର ନାଏକ, ବିଶ୍ୱନାଥ ପଟେଲ, ଅଧ୍ୟାପିକା ମଧୁମିତା ମିଶ୍ର ସମ୍ବଲପୁରୀ ଭାଷା ସଂସ୍କୃତି ସମ୍ପର୍କରେ କହିଥିଲେ। ପରେ ପ୍ରବେଶ ଉତ୍ସବରେ ଅଧ୍ୟାପକ ଅଧ୍ୟାପିକାମାନେ କଲେଜର ନୀତିନିୟମ ବିଷୟରେ ନୂତନ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅଧ୍ୟାପକ ଅଲେଖ ଦିବେଦୀ, ମାର୍କସ୍ ଡୁଙ୍ଗଡୁଙ୍ଗ ଓ ପ୍ରଶାନ୍ତ ପଟେଲ ମଞ୍ଚାସୀନ ଥିଲେ। ଅଧ୍ୟାପକ ଅଶୋକ ପ୍ରଧାନ ଧନ୍ୟବାଦ ଦେଇଥିଲେ।






ପରିସରରେ ଗୁରୁବାର ସମ୍ବଲପୁରୀ ସାହିତ୍ୟର ଜନକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ସ୍କୁଲର ସାଧାରଣ ସମ୍ପାଦିକା ରୁବି ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମାତୃପ୍ରିୟା ଶତପଥୀ ଆଲୋଚକ ଭାବେ ଯୋଗ ଦେଇ ଆମ ପାଖରେ ଯାହା ଅଛି ତାକୁ ନେଇ ଗର୍ବ କରି ଶିଖିଲେ ଯାଇ ନିଜ ଭାଷା, ସଂସ୍କୃତି ଓ ଜାତିର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଶିକ୍ଷୟିତ୍ରୀ ରଜନୀ ତୁଙ୍ଗତୁଙ୍ଗ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଲଇଡ଼ା:** ଲଇଡ଼ା ଦୃତିକା ସାହୁ କଲେଜରେ ସମ୍ବଲପୁରୀ ଦିନ ଡ. ବସନ୍ତ ନାଏକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ମା' ସମଲେଶ୍ୱରୀ ଏବଂ ସମ୍ବଲପୁରୀ ଭାଷାର ଜନକ ସତ୍ୟନାରୟଣ ବହିଦାରଙ୍କ ତୈଳଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ ଭୋଇ, ମୁଖ୍ୟବକ୍ତା ଅଧ୍ୟାପକ ଜୟନାରୟଣ, ଅଧ୍ୟାପକ ଶ୍ରୀକାନ୍ତ ପଟେଲ, ଅଧ୍ୟାପକ କରୁଣାକର ନାଏକ, ଅଧ୍ୟାପକ ବିଶ୍ୱନାଥ ପଟେଲ, ଅଧ୍ୟାପିକା ମଧୁମିତା ମିଶ୍ର ସମ୍ବଲପୁରୀ ଦିନ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ମାଉନୁଶ ତୁଙ୍ଗତୁଙ୍ଗ, ଅଧ୍ୟାପକ ପ୍ରଶାନ୍ତ ପଟେଲ, ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ଅଶୋକ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ସେହିପରି ଲଇଡ଼ାସ୍ଥିତ ଗୁରୁକୁଳ ଇଂରାଜୀ ମିଡିଅମ୍ ବିଦ୍ୟାଳୟରେ ଗୁରୁବାର ସମ୍ବଲପୁରୀ ଦିନ୍ ଅଧ୍ୟକ୍ଷା ରୋଜ ମ୍ୟାଥୁସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଅବସରରେ ଉପାଧ୍ୟକ୍ଷା ଗୌରୀ ଗୋବିନ୍ଦ ରାଜ୍, ଶିକ୍ଷୟିତ୍ରୀ ମମତା ସାହୁ, କିରଣ ପଟେଲ ପ୍ରମୁଖ ଯୋଗ ସମ୍ବଲପୁରୀ ଭାଷାର ଜନକ ଗୁରୁ ସତ୍ୟନାରାରଣ ବହିଦାରଙ୍କ ସମ୍ବଲପୁରୀ ଭାଷାରେ ଅବଦାନ ବିଷୟରେ କହିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

**କୁଚିଣ୍ଡା :** କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଆଜି ସଂଧ୍ୟାରେ ସମ୍ବଲପରୀ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସାଂସ୍କୃତିକ ପରିଷଦ, ପୁରାତନ ଛାତ୍ର ସଂସଦ, କୁଚିଣ୍ଡା କଳା ପରିଷଦ, କୁଚିଣ୍ଡା ଡ୍ୟାନ୍ସ ଏକାଡେମୀ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଜଳଯୋଗାଣ, ପଞ୍ଚାୟତ ରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗ ସମ୍ବଲପରୀ ଦିବସ ଆରମ୍ଭ ଇତିହାସ, ଲୋକଗୀତ ନିଜ ସଂସ୍କୃତି ପରମ୍ପରାକୁ ଲୋକଲୋଚନକୁ ଆସିଥାଏ। ସମ୍ବଲପୁରୀ ଭାଷା ଅଛି ଲିପି ନାହିଁ। ଗବେଷଣା କରି ଅଷ୍ଟମ ଅନୁଛେଦରେ ସାମିଲ କରିବା ପାଇଁ